**ଚାଲାଣବେଳେ ଗୋରୁ ଉଦ୍ଧାର, ଟ୍ରକ୍ ଚାଳକ ଅଟକ**

ବେଲଗୁଣ୍ଠା,( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବରଗାଁ ରାସ୍ତାରେ ଏକ ଟ୍ରକ୍‌ରେ ରବିବାର ଭୋରରେ ପ୍ରାୟ ୩୦ରୁ ଅଧିକ ଗୋରୁଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଥିବା ରାସ୍ତାରେ ଯାଉଥିବା ଦଣ୍ଡୁଆମାନେ ଦେଖି ତୁରନ୍ତ ଘୁମୁସର ବଜରଙ୍ଗ ଦଳର ସଦସ୍ୟ ଓ ବରଗାଁ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ବେଲଗୁଣ୍ଠା ପ୍ରଖଣ୍ଡ ବଜରଙ୍ଗ ଦଳର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧରାପଡ଼ିବା ଭୟରେ ଟ୍ରକ୍ ଡ୍ରାଇଭର ଗୋରୁମାନଙ୍କୁ ବାହାର କରି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ଟ୍ରକ୍ ସହ ତାଙ୍କୁ କାବୁ କରି ତଦନ୍ତ ଚଳାଇଛି। ଗୋରୁଗୁଡ଼ିକ ଏଣେତେଣେ ପଳାଉଥିବା ବେଳେ ୬ଟି ଗୋରୁ ଉଦ୍ଧାର କରି ତନରଡ଼ା ଗୋଶାଳାକୁ ପଠାଯାଇଛି।



# ନେରେଡ଼ି ବ୍ୟାରେଜ | ଓଡ଼ିଶା-ଆନ୍ଧ୍ର ୫୦ ପ୍ରତିଶତ ଲେଖାଏଁ ଜଳ ନେବାକୁ ସୁପ୍ରିମକୋର୍ଟଙ୍କ ରାୟ

## କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ଭାଇରାଲ ପରେ ବିଧାୟକଙ୍କ ପରିଦର୍ଶନ



ପାରଳାଖେମୁଣ୍ଡି,୧୨।୪(ଗିରିଧାରୀ ପରଛା)

ବଂଶଧାରା ନଦୀ ଉପରେ ଆନ୍ଧ୍ରର ପ୍ରସ୍ତାବିତ ପ୍ରକଳ୍ପ କାତ୍ରାଗଡ଼ା ଫେଜ-୨ ନେରେଡ଼ି ବ୍ୟାରେଜକୁ ନେଇ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ୩ ଦଶନ୍ଧି ଧରି ବିବାଦ ଲାଗି ରହିଥିଲା। ହେଲେ କିଛିଦିନ ତଳେ ସୁପ୍ରିମ୍‌କୋର୍ଟ ଆନ୍ଧ୍ର ସପକ୍ଷରେ ରାୟ ଶୁଣାଇଥିବା ନେଇ ପଡୋଶୀ ଶ୍ରୀକାକୁଲମ ଜିଲାର ଏମ୍‌ପି ରାମ ମୋହନ ନାଇଡୁ ଏକ ଭିଡିଓ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଛାଡ଼ିଥିଲେ। ଏହା ମୋବାଇଲରୁ ମୋବାଇଲ ଘୂରି ବୁଲୁଥିଲା। ଯାହାକୁ ନେଇ ଗଜପତି ଜିଲାରେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ରାଜନୈତିକ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ରବିବାର ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ ସାରା ଗ୍ରାମ ବଂଶଧାରା ନଦୀ ନିକଟରେ ପହଞ୍ଚି ସ୍ଥାନୀୟ ଲୋକ ତଥା ବଂଶଧାରା ସୁରକ୍ଷା ମଞ୍ଚ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଅଧିକାଂଶ ଚାଷୀ ହୋଇଥିବାରୁ ସମସ୍ତେ ସଂକଳ୍ପ ନେଇ କହିଛନ୍ତିଯେ, ଜୀବନ ଚାଲିଗଲେ ମଧ୍ୟ ଆନ୍ଧ୍ରକୁ ଇଞ୍ଚେ ଜମି ମଧ୍ୟ ଦେବୁନାହିଁ। ବଂଶଧାରା ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି ରାଜ୍ୟ ସରକାର ଯଦି ଉପର ମୁଣ୍ଡରେ ବନ୍ଧ ବାନ୍ଧନ୍ତି ତେବେ ଓଡ଼ିଶା ଚାଷୀଙ୍କ ସୁବିଧା ହେବ। ଯଦି ଆମ ଦାବି ସରକାର ଶୁଣିବେନି ତେବେ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମଞ୍ଚ ସଦସ୍ୟମାନେ ପ୍ରକାଶ କରିଛନ୍ତି। ଗତ ତିନି ଦଶନ୍ଧି ଧରି ଏହି ବିବାଦ ଲାଗି ରହିଛି। ଇତି ମଧ୍ୟରେ ୩ଥର ସୁପ୍ରିମକୋର୍ଟଙ୍କ ଟ୍ରିବ୍ୟୁନାଲ ଟିମ୍ ଆସି କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ତେବେ ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯଦି ଆନ୍ଧ୍ରର କାତ୍ରାଗଡ଼ା ନିକଟରେ ନେରେଡି ବ୍ୟାରେଜ ହୁଏ ତେବେ ରାୟଗଡ଼ା ଜିଲାର ଗୁଣୁପୁର ସବ୍ ଡିଭିଜନ ସହ କାଶୀନଗର ବ୍ଲକର ୭ଟି ଗ୍ରାମ ସମ୍ପୂର୍ଣ୍ଣ ରୂପେ ବିସ୍ଥାପିତ ହେବ। ତଳିଆ ଅଞ୍ଚଳରେ ଥିବା କାଶୀନଗର ବ୍ଲକ ସଦର ମହକୁମା ଓ ଆଖପାଖ ସମସ୍ତ ଅଞ୍ଚଳରେ ସମ୍ପୂର୍ଣ୍ଣ ଜଳାଭାବ ଦେଖାଯିବ। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ଆନ୍ଧ୍ର ସପକ୍ଷରେ ରାୟକୁ ନେଇ କେନ୍ଦ୍ର ସରକାରଙ୍କ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କ ଦ୍ୱାରା ସୋସିଆଲ ମିଡିଆରେ ଆସିଥିବା ଭିଡିଓ ଏବେ ସମସ୍ତଙ୍କୁ ଚକିତ କରିଛି । ସ୍ଥାନୀୟ ଅଞ୍ଚଳରେ ଏଭଳି ଭିଡିଓକୁ ନେଇ ଏବେ ଅସନ୍ତୋଷ ଆରମ୍ଭ ହେଲାଣି। ବର୍ତ୍ତମାନ ସୁପ୍ରିମକୋର୍ଟ କାତ୍ରାଗଡ଼ା ଫେଜ-୨ ବ୍ୟାରେଜ ନିର୍ମାଣ ଉପରେ ଆନ୍ଧ୍ର ସପକ୍ଷରେ ରାୟ ଦେଇଥିବା ବେଳେ କେନ୍ଦ୍ର ଜଳ ଆୟୋଗ ମଧ୍ୟ ଗ୍ରୀନ ସିଗ୍‌ନାଲ ଦେଇ ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ବ୍ୟାରେଜରେ ସଂଗୃହୀତ ହେବାକୁ ଥିବା ୧୧୫ ଟିଏମ୍ ସି ଜଳକୁ ୫୦ ପ୍ରତିଶତ ଜଳ ଆନ୍ଧ୍ର ବ୍ୟବହାର କରିବ ଓ ୫୦ ପ୍ରତିଶତ ଜଳ ଓଡ଼ିଶା ବ୍ୟବହାର କରିବ । ଏଭଳି ରାୟ ସମ୍ପର୍କରେ ସ୍ଥାନୀୟ ଜଳ ସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ମୋହିତ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ଗତ ମାର୍ଚ୍ଚ ୩୦ରେ ଏକ ବିଜ୍ଞପ୍ତି (ନଂ. ଏସ.ଓ.୧୬୬୬ ଇ) ପ୍ରକାଶ ପାଇଥିଲା। ବର୍ତ୍ତମାନ କେବଳ କେନ୍ଦ୍ର ଜଳ ଆୟୋଗ ତରଫରୁ ଆନ୍ଧ୍ର ପ୍ରକଳ୍ପ ନିର୍ମାଣ କରିବା ପରେ ଜଳର ଆବଶ୍ୟକତା ଦୃଷ୍ଟିରୁ ଓଡିଶା ପକ୍ଷରୁ ସମସ୍ତ କାର୍ଯ୍ୟ କରିପାରିବେ। ଆନ୍ଧ୍ର ବ୍ୟାରେଜ ନିର୍ମାଣ ବେଳେ ଓଡିଶା ସହଯୋଗ କରିବ ଏବଂ ନିଜେ ୫୦ ପ୍ରତିଶତ ଜଳ ପାଇବା ପାଇଁ ଯେଉଁ କାର୍ଯ୍ୟ କରିବ ସେଥିପାଇଁ ଜମି ଅଧିଗ୍ରହଣ କରି କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଓଡ଼ିଶା ଦେବ ବୋଲି ଆସିଥିବା ପତ୍ରରେ ଉଲ୍ଲେଖ ଥିବା ସହକାରୀ ଯନ୍ତ୍ରୀ ଆଚାର୍ଯ୍ୟ କହିଛନ୍ତି।

# ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ।

ବେଲଗୁଣ୍ଠା,୧୨।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଖଇରପୁଟି ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଆନୁକୂଲ୍ୟରେ ନିର୍ମାଣ ହେବାକୁ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ କୋଠା ପାଇଁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦୀର୍ଘ ଦିନ ଧରି ଖଇରପୁଟି ଗ୍ରାମରେ ଉତ୍ତମ ସ୍ୱାସ୍ଥ୍ୟ ସେବାର ପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ଉପକେନ୍ଦ୍ର କୋଠାର ଆବଶ୍ୟକତା ଥିବା ବେଳେ ସୋରଡ଼ା ବିଧାୟକଙ୍କ ସହଯୋଗରେ ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅର୍ଥ ମଞ୍ଜୁର ହୋଇଛି। ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିବା ସହ ବିଶେଷ କରି ବରିଷ୍ଠ ନାଗରିକ, ଶିଶୁ ଏବଂ ମହିଳାଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ। ଏହି କୋଠା ଆସନ୍ତା ସ୍ୱାଧୀନତା ଦିବସ ପୂର୍ବରୁ କାର୍ଯ୍ୟକ୍ଷମ ହେବ ବୋଲି ବିଧାୟକ କହିବା ସହିତ ଏନେଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସତ୍ୟବାନ ସ୍ୱାଇଁ, ସମିତି ସଭ୍ୟ ପ୍ରତିନିଧି ବିନୋଦ ବେହେରା, ଗ୍ରାମ୍ୟ ପରିଚାଳନା କମିଟି ସଭାପତି ପ୍ରମୋଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଡାକୁଆଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବଡ଼ଗୁଡ଼ା ଗ୍ରାମ ବିକାଶ ପାଇଁ ନିଷ୍ପତ୍ତି ନେଲେ ବିଧାୟକ

ଗୁମ୍ମା,୧୨।୪(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ପଞ୍ଚାୟତ ବଡଗୁଡ଼ା ଗ୍ରାମକୁ ବିଧାୟକ ରୁପେଶ ପାଣିଗ୍ରାହୀ ଗସ୍ତ କରିଛନ୍ତି। କିଛିଦିନ ତଳେ ଗ୍ରାମର ସମସ୍ତ ଅଧିବାସୀ ଏକତ୍ର ହୋଇ ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ବିଜେଡ଼ିରେ ମିଶିଥିଲେ। ସେହିଦିନ ବିଧାୟକ ଗ୍ରାମବାସୀଙ୍କୁ ବଡ଼ଗୁଡ଼ା ଗ୍ରାମର ବିକାଶ ଦାୟିତ୍ୱ ନିଜେ ନେଇ ସମସ୍ତ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିବାର ବିଧାୟକ ବଡଗୁଡ଼ା ଗ୍ରାମ ଯାଇଥିବା ବେଳେ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଚର୍ଚ୍ଚ ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ହୋଇଥିଲା। ଗ୍ରାମ ସମ୍ମୁଖ ପାହାଡ଼ ଶିଖରରେ ନିର୍ମାଣ ହେଉଥିବା ପ୍ରଭୁ ଯିଶୁଙ୍କ ପ୍ରତିମୂର୍ତ୍ତି ଓ ଚର୍ଚ୍ଚ ନିର୍ମାଣ ପାଇଁ ପ୍ରଥମେ ୩ଲକ୍ଷ ଟଙ୍କା ଦେବାପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଗ୍ରାମର ଉନ୍ନତି ପାଇଁ ଯାହାବି ଦରକାର ପଡ଼ିବ ନିଶ୍ଚିତ ସହଯୋଗ କରିବେ ବୋଲି ସେ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ସମେତ ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ସରପଞ୍ଚ ଅଖିଳ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୁଲାଗଡ଼ ପୁଞ୍ଜାରେ ୧୭୦୦ ଦଣ୍ଡୁଆ

ଶେରଗଡ଼,୧୨।୪(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲାର ଶେରଗଡ଼ ବ୍ଲକ କୁଲାଗଡ଼ା ଦଣ୍ଡକାଳୀଙ୍କ ବହୁତ ଖ୍ୟାତି ରହିଛି। କୁଲାଗଡ଼ କାଳୀଙ୍କ ମହିମା ଅପାର। କୁଲାଗଡ଼ ଦଣ୍ଡ ପୁଞ୍ଜାରେ ଦଣ୍ଡୁଆଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୧୦୦ ଦଣ୍ଡୁଆଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ପୁଞ୍ଜାରେ ବର୍ତ୍ତମାନ ଦଣ୍ଡୁଆଙ୍କ ସଂଖ୍ୟା ୧୭୦୦ରେ ପହଞ୍ଚିଛି। ଏହି ପୁଞ୍ଜା କାମନା ଦଣ୍ଡନାଚ କରିବାକୁ ହେଲେ ମାନସିକଧାରୀଙ୍କୁ ବହୁତ ବର୍ଷ ଅପେକ୍ଷା କରିବାକୁ ପଡିଥାଏ। ବର୍ଷ ଆରମ୍ଭରୁ ଏଥିପାଇଁ ଦୌଡ଼ ଆରମ୍ଭ ହୋଇଯାଏ। ଏପରିକି ଦଣ୍ଡନାଚ ପାଇଁ ଲଟେରୀ ମାଧ୍ୟମରେ ମାନସିକଧାରୀ ସ୍ଥିର ହୋଇଥାନ୍ତି। କୁଲାଗଡ କାଳୀଙ୍କ ମହିମା ଦେଖି ମାନସିକଧାରୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ସଂକଳ୍ପ, ପୂଜାର୍ଚ୍ଚନା, ନୀତିକାନ୍ତି ଓ ମହିମା ଦେଖି ସମସ୍ତ ବହୁ ବ୍ୟକ୍ତି ଦଣ୍ଡନାଚ କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ହେଲେ ସମସ୍ତଙ୍କୁ ଏହି ସୁଯୋଗ ମିଳେନାହିଁ। କୁଲାଗଡ଼ ପୁଞ୍ଜା ଯେଉଁଗ୍ରାମରେ ଦଣ୍ଡନାଚ କରନ୍ତି, ସେହି ଗ୍ରାମ ଉତ୍ସବ ମୁଖର ହୋଇଉଠେ। ଗାଁ ସାରା ଦଣ୍ଡୁଆ ଭର୍ତ୍ତି ହୋଇଥାନ୍ତି। ଏହି ପୁଞ୍ଜା କେବଳ ଦଣ୍ଡ ପାରମ୍ପରିକ ବାଦ୍ୟ, ନୃତ୍ୟ ପରିବେଷଣ କଲାବେଳେ ରାତି ପାହିଯାଏ। ପୁଞ୍ଜାର ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ ଯଜ୍ଞ। ଏକା ଥରକେ ୧୭୦୦ ଲୋକ ଗୋଟିଏ ସମୟରେ ଭୋଜନ କରିଥାନ୍ତି। ଦଣ୍ଡଦଳ ଶୃଙ୍ଖଳାରେ ପରିଚାଳନା ହେଉଥିବାରୁ ଦଣ୍ଡୁଆଙ୍କ ସଂଖ୍ୟା ବଢ଼ି ଚାଲିଛି ।



ଯାତ୍ରାରେ ବାହାରିଥିବା ଦଣ୍ଡୁଆମାନେ।

# ଖୁଚୁରା ନୋଟ୍ ସଙ୍କଟ, କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ

ମୋହନା,୧୨।୪(ମନ୍ମଥ ମିଶ୍ର)

ସରକାର ସବୁ କ୍ଷେତ୍ରରେ ଡିଜିଟାଲକୁ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ୟୁପିଆଇ ନେଣଦେଣ ଏବେ ବଜାରରେ ଖୁଚୁରା ଟଙ୍କାର ଘୋର ଅଭାବ ସୃଷ୍ଟି କରିଛି। ଖୁଚୁରା ଟଙ୍କାକୁ ନେଇ ବ୍ୟବସାୟୀ ଚିନ୍ତାରେ ପଡୁଛନ୍ତି। ଦିନକୁ ଦିନ ୧୦ ଟଙ୍କା ଓ ୨୦ ଟଙ୍କିଆ ନୋଟ ବଜାରରୁ ଉଭାନ ହୋଇ ଯାଉଛି। ଏହାକୁ ନେଇ ଗଜପତି ଜିଲା ମୋହନା ସମେତ ବିଭିନ୍ନ ସ୍ଥାନରେ ସାଧାରଣ ଖୁଚୁରା ବ୍ୟବସାୟୀମାନେ ହଇରାଣ ହୋଇ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ବଜାରରେ କେହି କିଛି କ୍ରୟ କରି ୧୦୦ ଟଙ୍କା ଦେଲେ ତାଙ୍କୁ ଅବଶିଷ୍ଟ ଖୁଚୁରା ଟଙ୍କା ଫେରାଇବା ବ୍ୟବସାୟୀଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି। ଅଧିକାଂଶ କାରବାର ଲୋକେ ଫୋନ ପେ ମାଧ୍ୟମରେ କରୁଥିବାରୁ ବଜାରରେ ଖୁଚୁରା ସଙ୍କଟ ଦେଖାଦେଇଛି। ଚା' ଦୋକାନଠାରୁ ଆରମ୍ଭ କରି ପାନ ଦୋକାନ, ଯାତ୍ରୀବାହୀ ବସରେ ଯାତାୟାତ, ରାସ୍ତା କଡ଼ରେ ପରିବା ବେପାରୀ, ଟିଫିନ ସେଣ୍ଟର୍ ପର୍ଯ୍ୟନ୍ତ ଏହି ଖୁଚୁରା ସମସ୍ୟା ଲାଗି ରହିଛି। ଅନ୍ୟପଟେ ପକେଟରେ ଟଙ୍କାଟିଏ ନ ଧରି ମଧ୍ୟ ଲୋକେ ବଜାରକୁ ଆସୁଛନ୍ତି ଏବଂ ୟିପିଆଇରେ ଅର୍ଥ ଦେଇ ଜିନିଷପତ୍ର କିଣି ଫେରୁଛନ୍ତି। ଏହାର ପ୍ରଭାବ ଖୁଚୁରା ବଜାର ଉପରେ ପଡୁଛି। ଯଦି ଏପରି ଅବସ୍ଥା ଜାରି ରହେ ତେବେ ବିଶେଷ କରି ନିମ୍ନ ମଧ୍ୟବିତ୍ ଓ ଗରିବ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହୋଇ ହଇରାଣ ହେବେ ବୋଲି ସାଧାରଣରେ ଆଲୋଚନା ହେଉଛି। ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ୟୁପିଆଇ ନେଣଦେଣ କାରବାର ଲାଗି ଯଦି ସ୍ଥିର ହୁଅନ୍ତା ତେବେ ସବୁ ବର୍ଗର ଲୋକେ ଉପକୃତ ହୁଅନ୍ତେ ଏବଂ ବଜାରରେ ଖୁଚରା ନୋଟଠାରୁ ଆରମ୍ଭ କରି ସବୁ ପ୍ରକାରର ନୋଟ ସବୁ ସମୟରେ ଉପଲବ୍ଧ ହୁଅନ୍ତା ବୋଲି ମତ ପ୍ରକାଶ ପାଉଛି।

# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କଲା କଂଗ୍ରେସ

ଫୁଲବାଣୀ,୧୨।୪(ରାକେଶ କୁମାର ରାଉତ)

କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡଗେଙ୍କ ବିରୋଧରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଦେଇଥିବା ଆପତ୍ତିଜନକ ମନ୍ତବ୍ୟର ଜିଲା କଂଗ୍ରେସ ପ୍ରତିବାଦ କରିଛି। ରବିବାର ଅପରାହ୍ନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଦଳୀୟ ନେତା ଓ କର୍ମୀ ଏକତ୍ରିତ ହୋଇ ହିମନ୍ତଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଜଣେ ବରିଷ୍ଠ ଦଳିତ ନେତାଙ୍କ ପ୍ରତି ଏଭଳି ଅଶାଳୀନ ଆଚରଣ କରିଥିବା ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ନଗର କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ନାୟକ, ଉପସଭାପତି ରଜତ ମହାନ୍ତି, ସାଧାରଣ ସମ୍ପାଦକ ହେମନ୍ତ କର, ଦୁର୍ଯ୍ୟୋଧନ ପଟ୍ଟନାୟକ, ବରିଷ୍ଠ ନେତା ସଂସାର ଭୋଇ, ଅନୁପମ କହଁର, ରାଜୀବ ଲୋଚନ ସାହାଣୀଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ସରକାରୀ ବସ୍‌କୁ ଅଟକାଇଲେ ୩ ଗ୍ରାମବାସୀ



ପାତ୍ରପୁର,୧୨।୪(ଉମା ଚରଣ ନେପାକ)

ବ୍ଲକ୍ ଠାରୁ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗ କରିବା ପାଇଁ ୨ ପୂର୍ବେ ସରକାରୀ ବସ ସେବା ଆରମ୍ଭ ହୋଇଛି। କିନ୍ତୁ ପାତ୍ରପୁର ବ୍ଲକ୍‌ର ଗୁଣ୍ଡରା ପଞ୍ଚାୟତର ୩ ଖଣ୍ଡ ଗାଁରେ ବସ ଅଟକୁ ନ ଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଇଛି। ଏହାକୁ ନେଇ ସୁନାଖଳା, ବନମାଳୀପୁର ଓ ମଦନପୁର ଗ୍ରାମବାସୀ ୨ ଘଣ୍ଟା ସରକାରୀ ବସକୁ ଅଟକ ରଖିଥିବା ଜଣାପଡିଛି। ଗ୍ରାମବାସୀଙ୍କ କହିବା ପ୍ରକାରେ ନିର୍ଦ୍ଦିଷ୍ଟ ରୁଟରେ ବସ ଚଳାଚଳ କରୁଥିବା ବେଳେ ଉକ୍ତ ରାସ୍ତା ସାମାନ୍ୟ ବର୍ଷା ହେଲେ ବସ ଯିବା ସମ୍ଭବ ହୋଇପାରୁନାହିଁ। ସେହି ସମୟରେ ବସ ଆମ ଗ୍ରାମ ଦେଇ ଯିବା ଆସିବା କରେ ହେଲେ ଅନ୍ୟ ଦିନରେ ଆମ ଗ୍ରାମକୁ ଆସୁ ନ ଥିବା ବେଳେ ଗ୍ରାମବାସୀମାନେ ମିଳିତ ଜନ ଶୁଣାଣି ଠାରୁ ଆରମ୍ଭ କରି ଅନେକ ଥର ପ୍ରଶାସନକୁ ଜଣାଇଛନ୍ତି। ହେଲେ କୌଣସି ସୁଫଳ ମିଳି ନ ଥିବା ବେଳେ ରବିବାର ବସକୁ ଅଟକ ରଖିଥିଲେ। ଦୀର୍ଘ ସମୟ ବସଟି ଅଟକ ରହିଥିବା ଖବର ପାଇ ଜରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ବସ ସୁପରଭାଇଜରଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ୧ମାସ ସମୟ ମାଗିଥିବା ବେଳେ ଗ୍ରାମବାସୀ ବସ ଛାଡିଥିଲେ।

# ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

## କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ

ଭଞ୍ଜନଗର,୧୨।୪(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ଶନିବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିଲାଗି ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭାସ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁକ୍ତ ୩ ସରିବା ପରେ ଭବିଷ୍ୟତ ଗଢ଼ିବା ପ୍ରକୃତ ସମୟ ବୋଲି ବିଦାୟୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପ୍ରାଧ୍ୟାପକ ହର ପ୍ରସାଦ ଶତପଥି, ପ୍ରଶାନ୍ତ କୁମାର ରଥ, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ, ଅଧ୍ୟାପକ ରଜତ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀ ମନସ୍ବିତା ବେହେରା ଓ ଇତିଶ୍ରୀ ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରତ୍ୟୁଷ କାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ବାଲିଗୁଡ଼ା,୧୨।୪(ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଭାବେ ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ଆଦିବାସୀ ନେତା ମାନଗୋବିନ୍ଦ ପ୍ରଧାନଙ୍କୁ ମନୋନୀତ କରିଥିବା ବେଳେ ବାଲିଗୁଡା ଅଞ୍ଚଳର ଆଦିବାସୀ ନେତ୍ରୀ କଳ୍ପନା କହଁରଙ୍କୁ ପରିଷଦର ଉପାଧ୍ୟକ୍ଷା ଭାବେ ନିଯୁକ୍ତି ମିଳିଛି। ଉଭୟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କୁ ବାଲିଗୁଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ସେମାନେ ଭାରତୀୟ ଜନତା ପାର୍ଟି ସ୍ୱତନ୍ତ୍ର ସଂଘ ସଂଶୋଧନ କର୍ମଶାଳାରେ ସାମିଲ ହୋଇଥିଲେ। ସଭାରେ ଭାଜପା ଜିଲା ସଭାପତି ପଣ୍ଡିତ ବିଶିମାଝୀ, ସଧାରଣ ସମ୍ପାଦକ ଦେବେନ୍ଦ୍ର କୁଦାଇ, ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ବରିଷ୍ଠ ନେତା ପଦ୍ମ ଚରଣ ଦାସ, ନେତ୍ର ମାନ ସେଠ,ସୁଷମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୫୪ କେଜି ଗଞ୍ଜେଇ ଜବତ

ମୋହନା,୧୨।୪ (ମନ୍ମଥ ମିଶ୍ର)



ଅଡ଼ବା ପୋଲିସ ରବିବାର ଘଞ୍ଚ ଜଙ୍ଗଲ ମଧ୍ୟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇ ରା.ଉଦୟଗିରି ଏସଡ଼ିପିଓ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ଓ କର୍ମଚାରୀମାନଙ୍କ ଦ୍ୱାରା ମିଳିତ ଭାବେ ଚଢ଼ାଉ କରାଯାଇ ଗୁଡ୍ରିପଙ୍କା ଗ୍ରାମ ନିକଟ ଜଙ୍ଗଲ ମଧ୍ୟରେ ପ୍ଲାଷ୍ଟିକ ଡ୍ରମ ଓ ଟିଣ ବକ୍ସ ମଧ୍ୟରେ ୪୨ଟି ଜରି ଅଖାରେ ବାହାର ରାଜ୍ୟକୁ ଚାଲାଣ ପାଇଁ ରଖାଯାଇଥିବା ଗଞ୍ଜେଇ ଜବତ କରାଯାଇଛି। ଯାହାର ଓଜନ ୧୦୫୪ କିଲୋ ହୋଇଥିବା ବେଳେ ଆନୁମାନିକ ବଜାର ମୂଲ୍ୟ ଏକ କୋଟି ଟଙ୍କା ହେବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରୁ ବ୍ୟବସାୟୀମାନେ ଚମ୍ପଟ ମାରିଥିବା ବେଳେ କେହି ମଧ୍ୟ ଗିରଫ ହୋଇନାହାନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରଖିଛ।

# ଧର୍ମ ପରାୟଣା ମହିଳାଙ୍କ ମୃତ୍ୟୁ

ଗଞ୍ଜାମ,୧୨।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟଙ୍କ ମାଆ ଅନୁଛାୟା ଛୋଟରାୟ (୮୫)ଙ୍କ ରବିବାର ନୀଳାଦ୍ରୀପୁର ସ୍ଥିତ ବାସଭବନରେ ମୃତ୍ୟୁ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଦେହାନ୍ତ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୧୨।୪ (ଅରୁଣ ସାହୁ)

କୋଟଗଡ଼ ବ୍ଲକ୍ ପକାରୀ ନିକଟ ବାଲୁବାଙ୍ଗା ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁଷର ପ୍ରଧାନ (୪୧)। ଏନେଇ ଦାରିଙ୍ଗବାଡ଼ି ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ ସୂଚନା ଦେଇଛନ୍ତି। ପୁଷର ପୋଖରୀରେ ବୁଡ଼ିଯାଇଥିବା ଜାଣି ପ୍ରଥମେ ବାଲିଗୁଡ଼ା ଅଗ୍ନିଶମ ବିଭାଗକୁ ଫୋନ ଯୋଗେ ଅଞ୍ଚଳବାସୀ ଜଣାଇଥିଲେ। ତେବେ ଉକ୍ତ ଗ୍ରାମଟି ଦାରିଙ୍ଗବାଡି ଠାରୁ ପ୍ରାୟ ୨୧ କିମି ଦୂରତା ରହିଥିବା ଓ ବାଲିଗୁଡ଼ାରୁ ୪୦କିମି ଦୂରତା ହୋଇଥିବାରୁ ବାଲିଗୁଡା ଅଗ୍ନିଶମ ବିଭାଗ ଦାରିଙ୍ଗବାଡି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲା ଦାରିଙ୍ଗବାଡି ଅଗ୍ନିଶମ ବିଭାଗର ଅଧିକାରୀ ସେଠାରେ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଛି।

# ଆମ ଓଡ଼ିଶା, ଆମ ସଂସ୍କାର କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୨।୪(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡି ସହର ଆଞ୍ଚଳରେ ରବିବାର ଅବହେଳିତ ଓ ଉପେକ୍ଷିତ ପିଲାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଂସ୍କାର ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହିଥିବା ଏହି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଅସ୍ମିତା, ସଂସ୍କୃତି ଏବଂ ମାନବିକ ମୂଲ୍ୟବୋଧ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ପିଲାମାନଙ୍କୁ ଓଡ଼ିଶାର ଗୌରବମୟ ଇତିହାସ ଓ ବରପୁତ୍ରମାନଙ୍କ ଜୀବନୀ ବିଷୟରେ ଅବଗତ କରାଯାଇଥିଲା। ଏହିଅବସରରେ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ପାରମ୍ପରିକ ଖେଳ ସହ ଓଡ଼ିଶାର ମାନଚିତ୍ର ଅଙ୍କନ ପାଇଁ ଘର କାମ ଦିଆଯାଇଛି । ବିଶେଷ କରି ସ୍ୱଚ୍ଛତା, ଗୁରୁଜନଙ୍କୁ ସମ୍ମାନ ଏବଂ ନୈତିକତା ଉପରେ ପିଲାମାନଙ୍କୁ ଶପଥ ପାଠ କରାଯାଇଥିଲା। ଉପସ୍ଥିତ ସ୍ୱେଚ୍ଛାସେବୀ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଥିଲେ, ଏଭଳି ପ୍ରୟାସ ଦ୍ୱାରା ଉପେକ୍ଷିତ ଶିଶୁମାନେ ନିଜକୁ ସମାଜର ଏକ ଅଭିନ୍ନ ଅଙ୍ଗ ଭାବେ ଅନୁଭବ କରିପାରିବେ। ଏହି କାର୍ଯ୍ୟକ୍ରମ ଅପରାହ୍ନରେ ଅର୍ବନ ହଷ୍ଟେଲରେ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ବାଲମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିଥିଲେ।

# କାମରେ ଲାଗୁନି ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ

ବାଲିଗୁଡ଼ା,୧୨।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଏପ୍ରିଲ ପହିଲାରୁ ସ୍କୁଲ କଲେଜ ସକାଳୁଆ କରିବା ଓ ସବୁଠି ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବାଲିଗୁଡ଼ାରେ ଜଳଛତ୍ରଟିଏ ଖୋଲି ଲୋକଙ୍କୁ ପାଣି ଟୋପାଏ ଦେଇ ପାରିଲା ନାହିଁ ଏନଏସି ପ୍ରଶାସନ। ବାଲିଗୁଡ଼ାରେ ଦଣ୍ଡଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ପିଲାଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ଆସୁଥିବା ବେଳେ ପାଣି ଟୋପାଏ ପିଇବା ପାଇଁ ପାଇନଥିଲେ। ଅନ୍ୟପକ୍ଷରେ ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ ଏବଂ କୋର୍ଟ ନିକଟରେ ଏନଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ଭଣ୍ଡାର ନିର୍ମାଣ ହୋଇଥିବା ବେଳେ ତାହା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ଏପଟେ ପାଣି ଟୋପାଏ ବି ଲୋକଙ୍କୁ ମିଳି ପାରୁନାହିଁ। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହା ସହ ସହରର କଲେଜ ଛକ, ଗାନ୍ଧୀଛକ, ଦଣ୍ଡପଦର ଓ ନୂଆସାହି ଛକ, ସୁନାପାଙ୍ଗା, ଖଜୁରୀନାଳ, ଭଗାମୁଣ୍ଡା ଭଳି ବିଭିନ୍ନ ସାହିର ମୁଖ୍ୟ ସ୍ଥାନଗୁଡିକରେ ମଧ୍ୟ ସବୁଦିନିଆ ସ୍ୱଚ୍ଛ ବିଶୁଦ୍ଧ ପାନୀୟ ଜଳ ଭଣ୍ଡାର ନିର୍ମାଣ କରାଯିବା ଆବଶ୍ୟକ ରହିଛି। ସହରରେ ୧୩ ଟି ୱାର୍ଡ଼ରେ ପ୍ରାୟ ୨୫ରୁ ୩୦ ଛକ ରହିଥିବା ବେଳେ ଗତବର୍ଷ ଧର୍ମକୁ ଆଖି ଠାର ପରି ମାତ୍ର ୪ଟି ଛକରେ ଜଳଛତ୍ର ପାଇଁ ଟେଣ୍ଟ ଓ ବ୍ୟାନର ମାରି କାମ ସାରି ଦିଆଗଲା। ପଶୁପକ୍ଷୀ ପାଣି ପିଇବା ପାଇଁ ପୃଥକ ସ୍ଥାନରେ ୨ଟି ସିମେଣ୍ଟ ନନ୍ଦ ସାହାର୍ଯ୍ୟରେ କୁଣ୍ଡ ମଧ୍ୟ ନିର୍ମାଣ କରାଯାଇଥିଲା। ସେହିଗୁଡିକୁ ସଫା ସୁତରା କରି ପାଣି ରଖା ଗଲେ ଗାଈବଳଦ, ପଶୁପକ୍ଷୀ ଓ କୁକୁର ମାନେ କାହାର ଘର ଓ ଦୋକାନରେ ନ ପଶି ଶୋଷ ମେଣ୍ଟାଇବା ପାରିବେ। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।




ଅଚଳ ପାନୀୟ ଜଳ ପ୍ରକଳ୍ପ।

